ପ୍ରମେୟ
ତାରିଖ: ୧୮.୦୧.୨୦୧୮

## ବିଆଇଆଇଟିଏମ୍‌ରେ ସ୍ନାତକ ଶିକ୍ଷାର୍ଥୀ ସମାରୋହ

# ଭାଗନେଲେ ୪ଶହ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୭।୧(ବ୍ୟୁରୋ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ୍ ଟେକ୍ନୋଲଜି ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍ (ବିଆଇଆଇଟିଏମ୍)ରେ ଷଷ୍ଠ ସ୍ନାତକ ଶିକ୍ଷାର୍ଥୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ରାଜ୍ୟର ୩୦ଟି କଲେଜରୁ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ଟ୍ରେଜର୍ ହଣ୍ଟ୍, ଆର୍କ ବିଲଡିଂ, ରଙ୍ଗୋଲି, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଏକ ସଭା ଅୟୋଜନ କରାଯାଇଥିଲା । ଅନୁଷ୍ଠାନର ଇଂରାଜୀ ଭାଷା ପ୍ରଫେସର ଡ. ବି.କେ ବଳ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ, ନିଷ୍ଠାର ସହ ସ୍ୱପ୍ନକୁ ସାକାର କରିବାକୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦିପଙ୍କର କାନୁନ୍‌ଗୋ, ତାପସି ଦାସ, କମଳ କୁମାର ସିଂ ଓ ନିହାର ରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

